**ମତଦାତା ଦିବସ ପାଳିତ**

ଢେଙ୍କାନାଳ,(ରତନ ନାୟାର): ଢେଙ୍କାନାଳ ସଦର ବ୍ଲକ ଗେଙ୍ଗୁଟିଆ ବିଜ୍ଞାନ ଓ ବୈଷୟିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଗୁରୁବାର ମତଦାତା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷା ଡ. କବିତା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଦିବସରେ ଛାତ୍ରୀଛାତ୍ରଙ୍କ ସମେତ ଅଧାପିକା ଅଧାପକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କୁ ଭୋଟ ଦେବା ମୌଳିକ ଅଧିକାରକୁ ନେଇ ସଂକଳ୍ପ ପାଠ କରାଯାଇଥିଲା।



## ସଂକ୍ଷେପରେ

### ଦୁର୍ଘଟଣାରେ ସ୍କୁଟି ଆରୋହୀ ମୃତ

କାମାକ୍ଷାନଗର,୨୭।୧(ସୁଧୀର ପରିଡ଼ା)

କାମାକ୍ଷାନଗର ଥାନା କାଦୁଆ ଜଡାପାଳ ରାସ୍ତାର କେନ୍ଦୁପଶି ଛକ ନିକଟରେ ଶୁକ୍ରବାର ଏକ କାର ସହ ସ୍କୁଟି ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ସ୍କୁଟି ଚାଳକ କାମାକ୍ଷାନଗର ଥାନା ଇନ୍ଦୁପୁର ଗ୍ରାମର ଅବସରପ୍ରାପ୍ତ ରାଜସ୍ୱ କର୍ମଚାରୀ ହରମୋହନ ବିଶ୍ୱାଳଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣା ପରେ କାର ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ପୋଲିସ କହିଛି, ହରମୋହନ ଅବସର ପରେ ମଧ ସରକାରୀ ଅଫିସରେ ରାଜସ୍ୱ ବିଭାଗରେ ଠିକା କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ନିଜ ସ୍କୁଟିରେ କାଦୁଆ ଗ୍ରାମ ଆରଆଇ ଅଫିସରୁ ପତାକା ଉତ୍ତୋଳନ ସାରି ଫେରୁଥିବାବେଳେ କେନ୍ଦୁପଶି ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ କାର ସହ ମୁହାଁମୁହିଁ ଧକ୍କା ହୋଇଥିଲେ। ସ୍ଥାନୀୟ ଲୋକେ ହରମୋହନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ପରେ ପୋଲିସ କାରକୁ ଜବତ କରି ତଦନ୍ତ ଚଳାଇଛି। ଡାକ୍ତରଖାନାରେ ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ, ଏସ୍‌ଡିପିଓ ପ୍ରଭାତ କୁମାର ତ୍ରିପାଠୀ, ତହସିଲଦାର ପ୍ରିୟବ୍ରତ ଦାସ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ।

### ଟ୍ରକ୍ ଧକ୍କାରେ ସାଇକେଲ ଚାଳକ ମୃତ

କାମାକ୍ଷାନଗର,୨୭।୧(ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଲୋକନାଥପୁର ଶାସନ ଛକ ନିକଟରେ ଶନିବାର ଟ୍ରକ ଧକ୍କାରେ ଜଣେ ସାଇକେଲ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେବଡସୁଆଳୋ ପଞ୍ଚାୟତ ଚକାପାଳ ଗ୍ରାମର ଗଙ୍ଗାଧର ପଧାନ(୬୦)। ପୋଲିସ କହିଛି, ଏକ କୋଇଲା ବୋଝେଇ ଟ୍ରକ୍ ତାଳଚେରରୁ ଭୁବନ ଅଭିମୁଖେ ଯାଉଥିବାବେଳେ ଲୋକନାଥପୁର ଶାସନ ଛକରେ ସାଇକଲେ ଆରୋହୀ ଗଙ୍ଗାଧରଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ସହାୟତାରେ ଗଙ୍ଗାଧରଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### କୂଅରୁ ବାଳକ ଉଦ୍ଧାର

ଢେଙ୍କାନାଳ,୨୭।୧(ରତନ ନାୟାର)

ଢେଙ୍କାନାଳ ସହର କୁଞ୍ଜକାନ୍ତ ଅଞ୍ଚଳରେ ଏକ ୩୦ ଫୁଟ ଗଭୀର ଓସାରିଆ କମ୍ ଥିବା କୂଅ ମଧ୍ୟରେ ଶନିବାର ଅପରାହ୍ନରେ ପ୍ରୟାସ ମିଶ୍ର ନାମକ ଜଣେ ୧୦ବର୍ଷର ବାଳକ ଖସି ପଡିଥିଲେ। ଖବରପାଇ ଢେଙ୍କାନାଳ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର ପରେ ତାଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ଜିଲା ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ଶ୍ରମିକ ନେତାଙ୍କ ଅକାଳ ବିୟୋଗ



କାମାକ୍ଷାନଗର,୨୭।୧ (ଅମ୍‌ଜାଦ୍ ଖାନ୍)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଭୈରପୁର ପଞ୍ଚାୟତର ଶ୍ରମିକ ନେତା ଦିଲ୍ଲୀପ କୁମାର ନାୟକ(୫୭)ଙ୍କ ଶନିବାର ଅକାଳ ବିୟୋଗ ହୋଇଯାଇଛି। ଦିଲ୍ଲୀପ ସକାଳେ ଅସୁସ୍ଥ ଅନୁଭବ କରିବାରୁ ଡାକ୍ତରଖାନା ଯିବା ପାଇଁ ବୋଲୁଅ ଛକରେ ବସକୁ ଅପେକ୍ଷା କରିଥିଲେ। ବସ୍ ନ ଆସିବାରୁ ତାଙ୍କ ପୁଅ ଗାଡ଼ି ବୁଝିବାକୁ ଯାଇଥିଲେ। ଏହି ସମୟରେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରି ଛକରେ ଥିବା ନିଜ ଦୋକାନ ସମ୍ମୁଖରେ ଟଳି ପଡ଼ିଥିଲେ। ତୁରନ୍ତ ତାଙ୍କୁ ଅଁଳାବେରେଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଶ୍ରମିକ ସଙ୍ଗଠନ ଓଡିଶା ନିର୍ମାଣ ମଜଦୁର ସଭାର ଜିଲା ସଂଯୋଜକ ବାସୁଦେବ ସାହୁ, ବାବୁଲି ଲେଙ୍କା, ବିଜୟ ସାହୁ, ଅଭୟ ପାତ୍ର, ଚନ୍ଦ୍ରଶେଖର ନାୟକ, ସରୋଜ ମଲ୍ଲିକ, ଯୁଧିଷ୍ଠିର ନାୟକ ପ୍ରମୁଖ ଶ୍ରମିକ ନେତା ଦିଲ୍ଲୀପଙ୍କ ଶେଷ ଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଗଭୀର ଶୋକପ୍ରକାଶ କରିଛନ୍ତି।

# ଦେଶ ଗଠନରେ ମହାପୁରୁଷଙ୍କ ଅବଦାନ ଅବିସ୍ମରଣୀୟ

**ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ**

ଢେଙ୍କାନାଳ,୨୭।୧(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ମହକୁମାସ୍ଥିତ ମୁଖ୍ୟ ଷ୍ଟାଡିୟମ ପରିସରରେ ୭୫ତମ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଗୁରୁବାର ପାଳିତ ହୋଇଯାଇଛି। ଜିଲାପାଳ ମନୋରଞ୍ଜନ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସକାଳ ସାଢେ ୮ଟାରେ ପତାକା ଉତ୍ତୋଳନ କରି ମହାପୁରୁଷଙ୍କ ସ୍ମୃତିଚାରଣ କରିଥିଲେ। ଅଭିଭାଷଣରେ ଜିଲାପାଳ କହିଥିଲେ, ଦେଶ ଗଠନରେ ଢେଙ୍କାନାଳ ଜିଲାର ମହାପୁରୁଷମାନଙ୍କ ଅବଦାନ ଅବିସ୍ମରଣୀୟ। ବର୍ତ୍ତମାନ ଆମ ରାଜ୍ୟ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ସ୍ଥିତି ମଜବୁତ କରିପାରିଛି। ତେଣୁ ଆମେ ସମସ୍ତେ ଏକ ସମୃଦ୍ଧ ଓଡିଶା ଗଠନରେ



ଶ୍ରେଷ୍ଠ ସମର ଶିକ୍ଷାର୍ଥୀ ବାଳିକା ଦଳକୁ ରନିଂ ସିଲ୍ଡ ପ୍ରଦାନ କରାଯାଉଛି।

ଭାଗିଦାରୀ ହେବା ବୋଲି ମୁଖ୍ୟଅତିଥି ପ୍ରକାଶ କରିଥିଲେ। ରିଜର୍ଭ ଇନ୍ସପେକ୍ଟର ଗୁନୁ ସାହୁଙ୍କ ନେତୃତ୍ୱରେ ପୋଲିସ ବାହିନୀ, ଓଏସ୍‌ଓପି ବାଟାଲିୟନ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନର ପରେଡ୍ ଦଳ ପରେଡ୍ କରି ଜାତୀୟ ପତାକାକୁ ସମ୍ମାନ ଜଣାଇଥିଲେ। ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ ସମର ଶିକ୍ଷାର୍ଥୀ ବାଳିକା ଦଳକୁ ରନିଂ ସିଲ୍ଡ ପ୍ରଦାନ କରାଯାଇଥିଲା। ପ୍ରତ୍ୟୁଷରୁ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ରାମଧୁନ ପରିବେଷଣ କରାଯାଇଥିଲା। ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଚାମ୍ବର ଅଫ୍ କମର୍ସ ପକ୍ଷରୁ ମୁଖ୍ୟ ଚିକିତ୍ସାଳୟରେ ଫଳ ବଣ୍ଟନ, ନାମୀ ପକ୍ଷରୁ କାରାଗାରରେ କଏଦୀଙ୍କୁ ମିଷ୍ଟାନ୍ନ ବଣ୍ଟନ, ରୋଟାରୀ କ୍ଲବ ପକ୍ଷରୁ ରକ୍ତଦାନ ଶିବିର, ବିଶ୍ୱ କୁଷ୍ଠ ଶିଶୁଗୃହ, ବଧିର ବିଦ୍ୟାଳୟ, ମହର୍ଷି ଦୟାନନ୍ଦ ସର୍ଭିସ ମିଶନ, ଜୀବନ ଜ୍ୟୋତି, ଆଦୃତା ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଅପରାହ୍ନରେ ଜିଲା ପ୍ରଶାସନ ଓ ଗଣମାଧ୍ୟମ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ହୋଇଥିଲା। ସନ୍ଧ୍ୟାରେ ଗୋପବନ୍ଧୁ ଟାଉନହଲଠାରେ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଅତିରିକ୍ତ ଜିଲାପାଳ(ସାଧାରଣ) ରମେଶ ଚନ୍ଦ୍ର ସେଠି, ଜିଲା ବନଖଣ୍ଡ ଅଧିକାରୀ ସୁମିତ କର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦିଲୀପ କୁମାର ବିଶ୍ୱାଳ, ଉପଜିଲାପାଳ ସପନ କୁମାର ନନ୍ଦଙ୍କ ସମେତ ବରିଷ୍ଠ ପ୍ରଶାସନିକ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଅବନୀ କୁମାର ମିଶ୍ର ସଂଯୋଜନା କରିଥିଲେ।

## ଢେଙ୍କାନାଳରେ ନୂତନ ଏସ୍‌ପିଙ୍କ ଦାୟିତ୍ୱ ଗ୍ରହଣ

ଢେଙ୍କାନାଳ,୨୭।୧(ରତନ ନାୟାର)



ଢେଙ୍କାନାଳର ନୂତନ ଏସ୍‌ପି ଭାବେ ଭାରତୀୟ ପୋଲିସ ସେବାର ୨୦୧୨ ମସିହା ଅଧିକାରୀ ମଡକର ସନ୍ଦିପ ସମ୍ପଦ୍ ଶନିବାର ସନ୍ଧ୍ୟା ସାଢେ ୬ଟାରେ ଜିଲା ପୋଲିସ କାର୍ଯ୍ୟାଳୟଠାରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ବିଦାୟୀ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ରଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ନୂତନ ଏସ୍‌ପି ମଡକର ସନ୍ଦିପ ସମ୍ପଦ୍ ଢେଙ୍କାନାଳ ଜିଲାର ୬୩ତମ ଏସ୍‌ପି। ଥାନା ଏକ ମନ୍ଦିର। ଅପରାଧ ଦମନ କାର୍ଯ୍ୟ ସହ ଲୋକଙ୍କ ସେବାକୁ ମଧ ଅଗ୍ରାଧିକାର ଦିଆଯିବ ବୋଲି ନୂତନ ଏସ୍‌ପି ପ୍ରକାଶ କରିଥିଲେ। କେନ୍ଦ୍ରାପଡାରୁ ଢେଙ୍କାନାଳକୁ ଆସିବାବେଳେ ବାଟରେ ଜିଲାର ଗଁଦିଆ ଥାନା ଶୋରିଷିଆପଦା ଅଞ୍ଚଳରେ କିଛି ଆଦିବାସୀ ଲୋକଙ୍କ ସହ ଗାଡିରୁ ଓହ୍ଲାଇ ନୂତନ ଏସ୍‌ପି କଥାବର୍ତ୍ତା ହେବା ସହିତ ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହିତ ସେ ଜିଲାରେ ପୋଲିସ ଓ ଜିଲାବାସୀଙ୍କ ମଧ୍ୟରେ ସମ୍ପର୍କକୁ ସୁଦୃଢ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ନୂତନ ଏସ୍‌ପି ଜିଲା ପୋଲିସ କାର୍ଯ୍ୟାଳୟରେ ପହଞ୍ଚିବା ପରେ ତାଙ୍କୁ ପୋଲିସ ଅଧିକାରୀମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ବିଦାୟୀ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ରଙ୍କ ଭୁବନେଶ୍ୱର ସ୍ପେଶାଲ ବ୍ରାଞ୍ଚ ଏସ୍‌ପି ଭାବେ ବଦଳି ହୋଇଛି।

## ପ୍ରତିଯୋଗିତା ମନୋଭାବ ନେଇ ଅଧ୍ୟୟନ ଜାରି ରଖ

ସାତମାଇଲ,୨୭।୧(ସୁଶାନ୍ତ କୁମାର ପତି)



ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟ ପରିସରରେ ୪୬ତମ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ସମ୍ମାନିତ ଅତିଥି ଭାବେ ହିନ୍ଦୋଳ ଉପଜିଲାପାଳ ଶିବାନନ୍ଦ ସ୍ୱାଇଁ, ମୁଖ୍ୟ ବକ୍ତା ଭାବେ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ହରେକୃଷ୍ଣ କର ଯୋଗ ଦେଇଥିଲେ। ପ୍ରତିଯୋଗିତା ମନୋଭାବ ନେଇ ଅଧ୍ୟୟନ ଜାରି ରଖିଲେ ଜ୍ଞାନର ଅଭିବୃଦ୍ଧି ସମ୍ଭବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଇଂଲିଶ ବିଭାଗର ଅଧ୍ୟାପକ ଦିଲ୍ଲୀପ କୁମାର ଗଡ଼ନାୟକ ଅତିଥି ପରିଚୟ ଦେଇଥିଲେ। ଓଡ଼ିଆ ଭାଷା ସାହିତ୍ୟର ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏନ୍‌ସିସି ବିଭାଗର କାର୍ଯ୍ୟ ଦକ୍ଷତା ପାଇଁ ଏନ୍‌ସିସି ଅଫିସର କ୍ୟାପଟେନ ଡ. କିଶୋର କୁମାର ପୃଷ୍ଟିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ଜୟନ୍ତ ନାରାୟଣ ପତି ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଭୁବନେଶ୍ୱରସ୍ଥିତ ଆକାଶ ମ୍ୟୁଜିକାଲ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଧାର୍ମିକ ବ୍ୟକ୍ତିଙ୍କ ପରଲୋକ

ଭୁବନ,୨୭।୧(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି ଗୋଡିପାଟଣା ୩ ନଂ. ୱାର୍ଡର ନିତ୍ୟାନନ୍ଦ ମହାରଣା (୮୫)ଙ୍କ ଶୁକ୍ରବାର ନିଜ ବାସଭବନରେ ପରଲୋକ ହୋଇଯାଇଛି। ସେ ଜଣେ ଧାର୍ମିକ ବ୍ୟକ୍ତି ସହିତ ଅଞ୍ଚଳରେ ଜଣେ କ୍ଷାତନାମା କଂସା କାରିଗର ଭାବେ ବେଶ ସୁପରିଚିତ ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ, ପୁତ୍ର ଏବଂ ପୁତ୍ରବଧୂଙ୍କ ସମେତ ପରିବାର ଲୋକେ ଉପସ୍ଥିତ ଥିଲେ। ଅପରାହ୍ନରେ ତାଙ୍କ ମରଶରୀରକୁ ସହର ପରିକ୍ରମା କରାଯିବା ପରେ ବୁଦ୍ଧେଶ୍ୱର ଶୈବପୀଠ ନିକଟସ୍ଥ ଶ୍ମଶାନ ଘାଟରେ ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ବିୟୋଗରେ ଭୁବନ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



## ଓଡ଼ାପଡ଼ାରେ ସାଧାରଣତନ୍ତ୍ର ଦିବସ ପାଳିତ



ଓଡ଼ାପଡ଼ା ସରସତୀ ଶିଶୁ ମନ୍ଦିରରେ ସାଧାରଣତନ୍ତ୍ର ଦିବସ।

ଓଡ଼ାପଡ଼ା,୨୭।୧(ରଞ୍ଜିତ ନାୟକ)

ଓଡ଼ାପଡ଼ା ବ୍ଲକର ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଓଡ଼ାପଡ଼ା ବ୍ଲକ ପରିସରରେ ଆୟୋଜିତ ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ଭାବେ ଓଡ଼ାପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ସ୍ୱାଇଁ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ାପଡ଼ା ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ଉପାଧ୍ୟକ୍ଷ ଅମିତାଭ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଓଡ଼ାପଡ଼ା ତହସିଲ କାର୍ଯ୍ୟାଳୟଠାରେ ତହସିଲଦାର ମହେଶ୍ୱର ବେହେରା, ହିନ୍ଦୋଳ ରୋଡ ବଜାର କମିଟି ପକ୍ଷରୁ ଆୟୋଜିତ ଉତ୍ସବରେ ଓଡ଼ାପଡ଼ା ତହସିଲଦାର ମହେଶ୍ୱର ବେହେରା, ଓଡ଼ାପଡ଼ା ସାମ୍ବାଦିକ ସଂଘ କାର୍ଯ୍ୟାଳୟଠାରେ ଓଡ଼ାପଡ଼ା ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ଧଳପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସାମାଜିକ କର୍ମୀ ଘନଶ୍ୟାମ ସାମଲ, ଓଡ଼ାପଡ଼ା ସରସ୍ୱତୀ ଶିଶୁ ମନ୍ଦିରରେ ରସାନନ୍ଦ ରାଉତ, ଓପିଏସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ଶମ୍ଭୁ ପ୍ରସାଦ ପ୍ରଧାନ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ।

## ରୟାଲ ଇଲେଭେନ୍ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

କାମାକ୍ଷାନଗର,୨୭।୧(ଅମ୍‌ଜାଦ୍ ଖାନ୍)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ପଣ୍ଡୁଆ ଖେଳପଡିଆଠାରେ ଚାଲିଥିବା ରୟାଲ ଇଲେଭେନ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ବରୁଆଁ ଟିମ୍ ଏବଂ ପୁଟସାହି ଟିମ୍ ମଧ୍ୟରେ ଖେଳାଯାଇଥିଲା। ବରୁଆଁ ଟିମ ପ୍ରଥମେ ବ୍ୟାଟିଂ କରି ୧୧୪ ରନ କରିଥିଲା। ଜବାବରେ ପୁଟସାହି ଟିମ୍ ୧୧୯ ରନ କରି ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଜିଲାପରିଷଦ ସଦସ୍ୟ ହୃଦାନନ୍ଦ ପରିଡ଼ା, ସମ୍ମାନିତ ଅତିଥି ଭାବେ ପୂର୍ବତନ ସମିତି ସଭ୍ୟ ଅଶ୍ୱିନୀ ପରିଡ଼ା ଯୋଗ ଦେଇଥିଲେ। କେଶବ ପ୍ରଧାନ ଓ କୁନା ନାଏକ ଦାୟିତ୍ୱ ଖେଳ ପରିଚାଳନା କରିଥିଲେ। ସଞ୍ଜୟ ନାଏକ, ତୋଫାନ ନାଏକ, ଜ୍ଞାନରଞ୍ଜନ ନାଏକ, ସୁମନ ନାଏକ, ତପନ ନାଏକ, ବିକ୍ରମ ନାଏକ ପ୍ରମୁଖ ସହଯୋଗ କରିଥିଲେ।

## ନେତାଜୀ, ସାଏଙ୍କ ବଳିଦାନ ଅବିସ୍ମରଣୀୟ

କାମାକ୍ଷାନଗର,୨୭।୧(ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କାନପୁରାସ୍ଥିତ ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତଙ୍କ ତତ୍ତ୍ୱାବଧାନରେ ଶିକ୍ଷୟିତ୍ରୀ କବିତା ରାଉତଙ୍କ ସଭାପତିତ୍ୱରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ୨ ମହାନ୍ ସ୍ୱାଧୀନତା ସଂଗ୍ରାମୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଦେଶ ପାଇଁ ଏହି ୨ ଯୋଗଜନ୍ମାଙ୍କ ବଳିଦାନ ଅବିସ୍ମରଣୀୟ ବୋଲି ଶିକ୍ଷୟିତ୍ରୀ ଶିକ୍ଷକମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷକ ନିରଞ୍ଜନ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ସହ ଶିକ୍ଷକ ଚନ୍ଦ୍ରମଣି ଲେଙ୍କା, ରୁଦ୍ରନାରାୟଣ ପରିଡ଼ା, ବାନାର୍ଜୀ ମହାନ୍ତି, ଦିଲୀପ ଦାଶ, ପ୍ରହଲ୍ଲାଦ ସାହୁ, ବସନ୍ତ ସାହୁ, ସମରେନ୍ଦ୍ର ନାୟକ, ଚିତ୍ତରଞ୍ଜନ ବିଶ୍ୱାଳ, ସୌଭାଗ୍ୟ ସାହୁ, ଆକାଶ ରାଉତ, ଶିକ୍ଷୟିତ୍ରୀ ସୁମିତ୍ରା ଜେନା, ଗୀତା ମହାପାତ୍ର, ପ୍ରଭାତୀ ସାହୁ, ଶିକ୍ଷା କର୍ମଚାରୀ ଗିରୀଶ ଚନ୍ଦ୍ର ମହାନ୍ତି, ରବି ନାରାୟଣ ରାଉତ, ଶାନ୍ତନୁ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଧ୍ରୁବଚରଣ ସୁନ୍ଦରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମ ଜିଲାସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ



ଢେଙ୍କାନାଳ,୨୭।୧(ରତନ ନାୟାର)

ପଟ୍ଟଚିତ୍ର ସେଣ୍ଟର ପୁରୀ ପକ୍ଷରୁ ଶନିବାର ଢେଙ୍କାନାଳ ଗୋପବନ୍ଧୁ ଟାଉନ ହଲଠାରେ ପ୍ରଥମ ଜିଲାସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ କଳାଦ୍ରିଷ୍ଟୀ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଦାୟୀ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଚିତ୍ରଶିଳ୍ପୀମାନେ ନିଜର କଳାକୃତିରେ ସମଗ୍ର ବିଶ୍ୱକୁ ଚିନ୍ତନ କରିବା ପାଇଁ ବାଧ୍ୟ କରିଥାନ୍ତି ବୋଲି ମୁଖ୍ୟଅତିଥି ପ୍ରକାଶ କରିଥିଲେ। ପଟ୍ଟଚିତ୍ର ସେଣ୍ଟର ପୁରୀର ପ୍ରମୁଖ ସରୋଜ କୁମାର ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଚିତ୍ରଶିଳ୍ପୀ ଡ. ଜ୍ଞାନେଶ ଚନ୍ଦ୍ର ମିଶ୍ର, ବିଶିଷ୍ଟ ପଟ୍ଟଚିତ୍ର ଶିଳ୍ପୀ ପଙ୍କଜ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଘାଟକ ଭାବେ ନାସନାଲ ମ୍ୟୁଜିୟମର ପୂର୍ବତନ ନିର୍ଦ୍ଦେଶକ ରାଜେଶ ପୁରୋହିତ ଯୋଗ ଦେଇଥିଲେ। ଏହି ଅବସରରେ ବରିଷ୍ଠ ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ ଓ ବିଜୟ କୁମାର ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କଳା ସଂସ୍କୃତି ସଂଘର ଉପସଭାପତି ଅବନୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଚିତ୍ରଶିଳ୍ପୀ ସୁଜାତା ବେହେରା ସଂଯୋଜିକା ଭାବେ ଉପସ୍ଥିତ ଥିଲେ। ଜିଲାରେ ୩୦ଜଣ ଚିତ୍ରଶିଳ୍ପୀ ଏହି ପ୍ରଦର୍ଶନୀରେ ଭାଗ ନେଇଥିଲେ।

## ଆତ୍ମରକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ

ଓଡ଼ାପଡ଼ା,୨୭।୧ (ରଞ୍ଜିତ ନାୟକ)

ଢେଙ୍କାନାଳ ଜିଲା ହିନ୍ଦୋଳରୋଡସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଅର୍ଥନୀତି ବିଭାଗ ଅଧାପିକା ତଥା ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମର ସଂଯୋଜିକା ନୟନା ବରାଳଙ୍କ ସଭାପତିତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଶମ୍ଭୁ ପ୍ରସାଦ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ସମାଜରେ ଆତ୍ମରକ୍ଷାର ଆବଶ୍ୟକତା ସମ୍ପର୍କରେ କହିଥିଲେ। ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧାପିକା ଡ. ମାନସୀ କର, ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ତଥା ଯୁବ ରେଡକ୍ରସ ମାର୍ଗଦର୍ଶକ ପ୍ରଣବ ହୋତା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ମୋଟ ୧୫୫ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଯୁକ୍ତ ୩ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ରୀ ମୋନାଲିସା ରାଉତ ଓ ଯୁକ୍ତ ୩ ପ୍ରଥମ ବର୍ଷ କଳା ଛାତ୍ରୀ ଶ୍ରାବଣୀ ମଲ୍ଲିକ ମାଷ୍ଟର ଟ୍ରେନର୍ ଭାବେ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ: କୃତୀ ପ୍ରତିଯୋଗୀ ପୁରସ୍କୃତ



ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ କାମାକ୍ଷାନଗର ଉପଜିଲାପାଳଙ୍କ ସହ ଅନ୍ୟମାନେ।



ସାଧାରଣତନ୍ତ୍ର ଦିବସରେ ଭୁବନ ଏନ୍‌ସିସି କ୍ୟାଡେଟଙ୍କ ସହିତ ଅତିଥି ମାନେ ।

କାମାକ୍ଷାନଗର,୨୭।୧(ସୁଧୀର ପରିଡ଼ା)/ ସାତମାଇଲ,(ସୁଶାନ୍ତ ପତି)/ଭୁବନ,(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା କାମାକ୍ଷାନଗର ସାରଙ୍ଗଧର ଷ୍ଟାଡିୟମ ପରିସରରେ ଶୁକ୍ରବାର ୭୫ ତମ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। କାମାକ୍ଷାନଗର ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଚଳିତବର୍ଷ ପରେଡରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ୩୯ ଦଳ ଅଂଶଗ୍ରହଣ କରିଥିଲେ। ଶେଷରେ ଦିବସ ଉପଲକ୍ଷେ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ସହକାରୀ ଜିଲାପାଳ ମଦନମୋହନ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନିରଞ୍ଜନ ସାହୁ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡା, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରେମାନନ୍ଦ ହାନ୍ସ, ଏସ୍‌ଡିପିଓ ପ୍ରଭାତ ତ୍ରିପାଠୀ, ବିଡିଓ ଅବିନାଶ ପାଣ୍ଡିଆ, ତହସିଲଦାର ପ୍ରିୟବ୍ରତ ଦାସ, ଡେପୁଟି କଲେକ୍ଟର ଡା ତୃପ୍ତିମୟୀ ପ୍ରଧାନ, ସହକାରୀ ଜିଲାପାଳ ଦିପକ ମିଶ୍ର ଉପସ୍ଥିତ ଥିଲେ। ସେହିପରି ହିନ୍ଦୋଳ ଉପଖଣ୍ଡ ସଦରମହକୁମାଠାରେ ହିନ୍ଦୋଳ ପ୍ରଶାସନ ତରଫରୁ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ମିନିଷ୍ଟାଡିୟମଠାରେ ଆୟୋଜିତ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ଶିବାନନ୍ଦ ସ୍ୱାଇଁ ଯୋଗଦେଇ ପତାକା ଉତ୍ତୋଳନ ଗ୍ରହଣ କରିଥିଲେ। ସେହିପରି ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ରାସୋଳ କୁମାର କ୍ଲବ ତରଫରୁ ଆୟୋଜିତ ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ସେହିପରି ବିଭିନ୍ନ ସରକାରୀ ଅନୁଷ୍ଠାନ ସହ ହିନ୍ଦୋଳ ସାମ୍ବାଦିକ ସଂଘ କାର୍ଯ୍ୟାଳୟଠାରେ ସଂଘ ସଭାପତି ସୁଶାନ୍ତ ପତି, ଓକିଲ ସଂଘ କାର୍ଯ୍ୟାଳୟରେ ସଂଘ ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକ, ସାତମାଇଲଠାରେ ବିଜୁ ଜନତା ଦଳର ବ୍ଲକ ସଭାପତି ବରୁଣ ସର ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ସେହିପରି ଭୁବନର ସମସ୍ତ ସରକାରୀ, ବେସରକାରୀ ଓ ଶିକ୍ଷା କେନ୍ଦ୍ରରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ନୂଆବଜାରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ନଗରପାଳ ଶୁଭେନ୍ଦୁ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଏନ୍‌ଏସି ପକ୍ଷରୁ ଚଳିତବର୍ଷ ପରି ଜଳଯୋଗାଣ କର୍ମଚାରୀ, ସଫେଇ କର୍ମଚାରୀ, ପୋଲିସ ସେବା ଓ ବିଭିନ୍ନ ଶିକ୍ଷାନୁଷ୍ଠାନର କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏନ୍‌ଏସି ନିର୍ବାହୀ ଅଧିକାରୀ ଅପୂର୍ବ ରଞ୍ଜନ ଆଏଚ, ଏନ୍‌ସିସି ଅଧ୍ୟାପିକା, କ୍ରୀଡା ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ।

